# ଏସ୍‌ଏସ୍‌ଏଫ୍‌ବି ପକ୍ଷରୁ ଡିଜିଟାଲ୍ ସାକ୍ଷରତା ସପ୍ତାହ ପାଳନ

ଭୁବନେଶ୍ୱର: ଆର୍‌ବିଆଇ ପକ୍ଷରୁ ଘୋଷଣା କରାଯାଇଥିବା ଡିଜିଟାଲ୍ ସାକ୍ଷରତା ସପ୍ତାହ ପାଳନ ସହିତ ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଏସ୍‌ଏସ୍‌ଏଫ୍‌ବି) ଚଳିତ ବର୍ଷ ସାରା ଦେଶରେ ୧ ଲକ୍ଷରୁ ଅଧିକ ଲୋକଙ୍କୁ ଆର୍ଥିକ ସାକ୍ଷରତ କରିବାର ପ୍ରତିଶ୍ରୁତିକୁ ଦୋହରାଇଛି। ଏସ୍‌ଏସ୍‌ଏଫ୍‌ବି ପକ୍ଷରୁ ୧୨ ମାସ ଭିତରେ ୪୦୦ରୁ ଅଧିକ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଉନ୍ମୋଚନ କରିବା ଯୋଜନା ବିଷୟରେ ଘୋଷଣା କରାଯାଇଛି, ଯାହା ମଧ୍ୟରୁ ୫୦ରୁ ଅଧିକ ଆଉଟ୍‌ଲେଟ୍ ଓଡ଼ିଶାରେ ଖୋଲିବାର ପ୍ରସ୍ତାବ ରହିଛି। ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସବୁ ବେଳେ ବ୍ୟାଙ୍କ ପାଖରେ ପହଂଚି ନଥିବା ଲୋକମାନଙ୍କୁ ଡିଜିଟାଲ ସାକ୍ଷରତା ଜରିଆରେ ଡିଜିଟାଲ୍ ଚ୍ୟାନେଲ୍‌ର ବ୍ୟବହାର, ଆର୍ଥିକ ଉତ୍ପାଦ, ସରକାରଙ୍କ ବିଭିନ୍ନ ଆର୍ଥିକ ସ୍କିମ୍‌କୁ ବ୍ୟବହାର କରି ସଂଗଠିତ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ ଉଦ୍ୟମ କରୁଛି ଓ ଏକ ସୁଦୃଢ଼ ସଂଚୟ ଅଭ୍ୟାସ ପାଇଁ ଉତ୍ସାହିତ କରିବା ଓ ଦୃଢ଼ ଋଣ ପ୍ରୋଫାଇଲ୍ ସୃଷ୍ଟି କରିବାକୁ ଚାହୁଁଛି। ଏହି ଅବସରରେ ବାସ୍କର ବାବୁ-ଏମ୍‌ଡି ଓ ସିଇଓ, ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ କହିଛନ୍ତି ଯେ, ଆମେ ୮୨୦ କୋଟି ଟଙ୍କାରୁ ଅଧିକ ଜମା ଓ ୧୬୬୦ କୋଟି ଟଙ୍କାର ମୋଟ ଋଣ ପୋର୍ଟଫୋଲିଓ ସହିତ ବର୍ଷକୁ ବର୍ଷ ୩୭% ଅଭିବୃଦ୍ଧି ସହିତ ଏକ ସଫଳ ବର୍ଷ ପୂରଣ କରିଛୁ। ଆମ କାରବାରର ପ୍ରଥମ ବର୍ଷରେ



ଆମେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଋଣ, ସଂଚୟ ଓ ବୀମା ସଂପର୍କିତ ସହଜ ଉତ୍ପାଦ ଯୋଗାଇ ଦେଇଥିଲୁ। ସେ କହିଛନ୍ତି ଯେ, ଆମେ ଶିଳ୍ପରେ ସବୁଠୁ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଜମା ହାର ପ୍ରଦାନ କରୁଛୁ। ବର୍ତମାନ ଏକ ସଂଚୟ ଖାତାରେ ୭.୨୫% ପର୍ଯ୍ୟନ୍ତ ସୁଧ ମିଳୁଥିବା ବେଳେ ଏକ ଏଫ୍‌ଡିରେ ଗ୍ରାହକମାନେ ୮.୭୫% ପର୍ଯ୍ୟନ୍ତ ସୁଧ ପାଉଛନ୍ତି। ବରିଷ୍ଠ ନାଗରିକମାନେ ୯% ସୁଧ ପାଉଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସହଯୋଗ କରିବା ପାଇଁ ଆମେ ଆମ ଗ୍ରାହକଙ୍କୁ ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ ପ୍ରଦାନ କରୁଛୁ ଓ ସେମାନଙ୍କ ପାଇଁ ଋଣ ପ୍ରଦାନକାରୀ ନ ହୋଇ ସଂପତି ସୃଷ୍ଟିକାରୀ ହେବାକୁ ଉଦ୍ୟମ କରୁଛୁ। ଆମର ବ୍ୟବସାୟ ଦର୍ଶନ ଦୃଷ୍ଟିରୁ ଆମେ ଏକ ସୁସ୍ଥକର ଆର୍ଥିକ ସ୍ଥିତି ପ୍ରସ୍ତୁତ କରିବାକୁ ଯୋଜନା ରଖିଛୁ ଓ ଏହି ପ୍ରକ୍ରିୟାରେ ଆମେ ଗ୍ରାହକଙ୍କ ସହିତ ଆଗକୁ ବଢ଼ିବାକୁ ଚାହୁଁଛୁ। କେବଳ ଗତବର୍ଷ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଜରିଆରେ ସମାଜର ୬୫୦୦୦ରୁ ଅଧିକ ସଦସ୍ୟଙ୍କ ପାଖରେ ପହଂଚିପାରିଛି ଓ ଚଳିତ ବର୍ଷ ୧୦୦୦୦୦ରୁ ଅଧିକ ସଦସ୍ୟଙ୍କ ପାଖରେ ପହଂଚିବାର ଯୋଜନା ଅଛି।